# Akashvani, Sambalpur

# SAMBALPURI NEWS MORNING BULLETIN

## 15 April 2026 - 6.47- 6.52 am.

---

ଓଡ଼ିଆ ପକ୍ଷ-ମୁଖ୍ୟମନ୍ତ୍ରୀ        ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତିକେ ଖାଲି ୧୪ ଦିନ୍ ଭିତ୍‌ରେ ସିମିତ୍ ନାଇଁ ରଖିକରି ବଛର୍‌ଟାଯାକ ନିଜର୍ ଜୀବନ୍ ଶୈଳୀର୍ ଅଂଶ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଗଲା ଏପ୍ରିଲ୍ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷା ସଦନ୍ ଠାନେ ହେଇଥିବା ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍, ଇ ପକ୍ଷଥି ୧୮ ହଜାର୍‌ନୁ ଅଏତ୍‌କା ବର୍ଣ୍ଣବୋଧ ଆଉ ଶିଶୁ ଲେଖା ବହି ବାଂଟ୍‌ବାର୍, ଗୁଟେ ଦିନେ ରେକର୍ଡ଼ ସଂଖ୍ୟକ୍ ୟୁନିଟ୍ ରକ୍ତସଂଗ୍ରହ, ପିପିଲି ନ ହେଇଥିବା ଲୋକକଳା ରୋଡ୍‌ସୋ ଜରିଏ ଓଡ଼ିଶାର୍ ସାଂସ୍କୃତିକ୍ ବୈଭବ୍ କେ

ଉଜାଗର୍ କରାଯାଇପାରିଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀମାନେ ଯୋଗ୍‌ଦେଇଥିଲେ ।

ଆମ୍ବେଦ୍‌କର ଜୟନ୍ତୀ ଆଇ ଆଣ୍ଡ୍ ପି.ଆର୍

ଆମ୍ବେଦ୍‌କର୍ ଖାଲି ଗୁଟେ ନାଁ ନୁହେଁସେ, ଇଟା ଗୁଟେ ବିଚାର୍‌ଧାରା ଆଏ । ଯେନ୍‌ଟା ସମାନତାର୍ ରାହା ଦେଖାସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଆୟୋଜିତ ଭାରତ୍‌ରତ୍ନ ବାବା ସାହେବ୍ ଡକ୍ଟର୍ ଭୀମ୍‌ରାଓ ଆମ୍ବେଦ୍‌କରଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଖାରବେଳ ନଗର୍ ଠାନେ ଆମ୍ବେଦ୍‌କର୍ ଭବନ୍ ତିଆର୍ ହେବା ବଲି ଘୋଷ୍‌ନା କରିଛନ୍ । ଆଉ ଇତାର୍ ଡିପିଆର୍ ତିଆର୍ କର୍‌ବାର୍‌କେ ଭିଲ ସେ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ହେଇଥିବା ଭିନ୍ ଭିନ୍ ରାଜ୍ୟସ୍ତରୀୟ

ପ୍ରତିଯୋଗିତାଥି ଜିତିଥିବା ଛାତ୍ରଛାତ୍ରୀମାନ୍‌କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ୍ କରିଛନ୍ ।

ରାଜ୍ୟପାଲ୍-ଓଡ଼ିଆ ନବବର୍ଷ ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର ଲୋକଭବନ୍ ନ ଓଡ଼ିଆ ନବବର୍ଷ ସହେତେ ହିମାଚଲ୍ ପ୍ରଦେଶ୍ ଗଠନ୍ ଦିବସ୍, ପଣାସଂକ୍ରାନ୍ତି, ବିହୁ, ବିଶୁ, ପଥଣ୍ଡୁ, ପୋଇଲା ବୈଶାଖ୍ ଆଉ ବୈଶାଖୀ ପରବ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଅଲ୍‌ଗା ରାଜ୍ୟର୍ ପର୍ବ ପାଲନ୍ ଜାତୀୟ ଏକତାକେ ମଜ୍‌ବୁତ୍ କର୍‌ସି ଆଉ ଭାରତ୍‌ର ବିବିଧତାକେ ପ୍ରତିଫଲିତ୍ କର୍‌ସି ବଲି କହିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ପଣା ସଂକ୍ରାନ୍ତିର୍ ସାଂସ୍କୃତିକ୍ ଗୁରୁତ୍ୱ ଆଉ ଜଗନ୍ନାଥ୍ ସଂସ୍କୃତିର୍ ସମାବେଶୀ ମୂଲ୍ୟବୋଧ୍ ଉପ୍‌ରେ ଆଲୋକପାତ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ପ୍ରଦେଶ୍‌ର ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ପରିବେଷଣ୍ କରାଯାଇଥିଲା ।

ଆଶ୍ରମ୍ ସ୍କୁଲ୍ ଛାତ୍ରୀ ମୃତ୍ୟୁ- ମୁଖ୍ୟମନ୍ତ୍ରୀ          ଆଇ ଆଣ୍ଡ୍ ପି.ଆର୍

ମୟୁର୍‌ଭଞ୍ଜ୍ ଜିଲ୍ଲା ରାସଗୋବିନ୍ଦପୁର ଆଶ୍ରମ୍ ସ୍କୁଲ୍ ଛାତ୍ରୀଙ୍କର ମୃତ୍ୟୁ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୋକପ୍ରକାଶ୍ କର୍‌ବାର୍ ସହେତେ ତାଙ୍କର୍ ପରିବାର୍ ଲୁକକର୍ ଲାଗି ୩ ଲାଖ୍ ଟଙ୍କାର୍ ଅନୁକମ୍ପା ସାହାଜ୍ ଆଉ ଘଟ୍‌ନାର୍ ଆର୍‌ଡିସି ସ୍ତରୀୟ ତଦନ୍ତ ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ସ୍କୁଲ୍‌ର ଛୁଆମାନ୍‌କର୍ ସ୍ୱାସ୍ଥ୍ୟପରୀକ୍ଷା କର୍‌ବାର୍ ଲାଗି ଆଏଜ୍ ଗୁଟେ ଡାକ୍ତରୀ ଦଲ୍ ଭିଲ୍ ରାସଗୋବିନ୍ଦ୍‌ପୁର୍ ଗସ୍ତଥି ଯିବେ ।

ନାରୀଶକ୍ତି ବନ୍ଦନ          ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ଆଏଜ୍ ସଖାଲ୍‌ବେଲା ଭୁବନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ 'ନାରୀଶକ୍ତି ବନ୍ଦନ୍' କାର୍ଯ୍ୟକ୍ରମ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇତାର୍‌ସହେତେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା, ଭୁବ୍‌ନେଶ୍ୱର୍ ସାଂସଦ୍, ମେୟର୍, ମୁଖ୍ୟ ଶାସନ୍ ସଚିବଙ୍କର୍ ସହେତେ ଅଲ୍‌ଗା ବିଶିଷ୍ଟ ଅତିଥି ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ଆଏବା ମାସ ୧ ତାରିଖ୍‌ନୁ ୩୦ ତାରିଖ୍ ଭିତ୍‌ରେ ନୂଆଁ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍, ସୁଭଦ୍ରା ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି ୨୧ ବଛର୍ ବୟସର୍ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ । ଅନ୍‌ଲାଇନ୍ ଜରିଏ ଆବେଦନ୍ ବେଲେ ବୈଷୟିକ ତ୍ରୁଟି ଦେଖାଦେଲେ ଧାରିଜ୍ ସମିଆକେ ଆଉ ୫ ଦିନ୍ ବଢ଼ାଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ବନକଲାଗି ନୀତି ପୁରୀ ସମ୍ୱାଦଦାତା

ବୈଶାଖ୍ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନଆଏଜ୍ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ଇ ଗୁପ୍ତ ନୀତି କରାଯିବା । ଇଥିର୍‌ଲାଗି ବେଲ୍‌ବୁଡ଼ର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ୪ ଘଂଟା ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପଂଚାୟତିରାଜ୍ ମନ୍ତ୍ରୀ- ବର୍‌ଗଡ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ଦିନ୍‌କିଆ ବର୍‌ଗଡ୍ ଜିଲ୍ଲା ଗସ୍ତଥି ଆସିକରି ବିଭାଗୀୟ ଅଧିକାରୀମାନ୍‌କର୍ କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ଅମ୍ବାପାଲି ସର୍କିଟ୍ ହାଉସ୍ ସମ୍ମିଲନୀ କକ୍ଷ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଜିଲ୍ଲା ନ ଚାଲିଥିବା ପାନୀୟ ଜଳ ଯୋଗାଣ୍ ବ୍ୟବସ୍ଥା ସ୍ଥିତିର୍ ସମୀକ୍ଷା କରିଥିଲେ । ହର୍‌ଘର୍ ଜଲ୍ ଯୋଜ୍‌ନାର ଚାଲୁଥିବା ସବୁ ପାନୀୟ ଜଳ ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆଥି ସାର୍‌ବାର୍ ଲାଗି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମହୋତ୍ସବ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ତୁକ୍ଲା କଲେଜ୍ ପଡ଼ିଆ ଠାନେ ଋଷିପୀଠ- ଯୋଗୀମଠ ମହୋତ୍ସବ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ୪ ଦିନ୍ ଧରିକରି ଚାଲିଥିବା ମହୋତ୍ସବ୍ଥି ଖାସ୍ ଅତିଥି ମାନେ ଯୋଗ୍ ଦେଇକରି ମହୋତ୍ସବ୍ର ଐତିହାସିକ୍ କିମ୍ବଦନ୍ତୀ ବାବ୍ଦେ କହିଥିଲେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍ବାର୍କେ ଲାଗିଛେ । ଆଏବା ୭ ଦିନ୍ତକ୍ ଜିଲ୍ଲାମାନ୍କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ରହିଛେ ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ଠାନୁ ୨୦ ତାରିଖ୍ତକ୍ ରାଜ୍ୟର୍ କେତେଟା ଜିଲ୍ଲା ନ ଜବର୍ ଗରମ୍ ହେଇପାରେ ବଲି କେନ୍ଦ୍ର ତର୍ଫୁ କୁହାଯାଇଛେ । ଆଏବା

୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବଲାଙ୍ଗିର୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲାକେ ଅଏତ୍‌କା ଗରମ୍ ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ଗଲାକାଏଲ୍ ପଶ୍ଚିମ ଓଡ଼ିଶାର୍ ବହୁତ୍‌ଟେ ଜିଲ୍ଲା ନ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ୍ କରାଯାଇଥିଲା ।